## Glimpses of the Visit to the Madhabananda Temple


















## ଓଡ଼ିଶା ଭୂବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକଙ୍କ ପୁରାତନ କୀର୍ତିରାଜି ପରିଦର୍ଶନ

ନିଆଳି,୨୫।୨(ନି.ପ୍ର): ଭାରତୀୟ ଭୁବିଜ୍ଞାନ ସର୍ବେକ୍ଷଣ (ଜିଏସ ଆଇ)ର ସେବାନିବୃତ ବୈଜ୍ଞାନିକଙ୍କ ସଂସ୍ଥା ଓଡିଶା ଭୂବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକବୃନ୍ଦ ତା୨୫ ୦୨୨୦୨୬ରିଖ ବୁଧବାର, ଦିନ ନିଆଳି ସ୍ଥିତ ମାଧବାନନ୍ଦ ମନ୍ଦିର ପରିଦର୍ଶନ କରିବା ସହ ଏହାର ନିର୍ମାଣରେ ବ୍ୟବହୃତ ଶିଳାକୁ ଅଧୟନ କରିଥିଲେ। ତ୍ରୟୋଦଶ ଶତାବ୍ଦୀ ରେ ନିର୍ମିତ ଏହି ପ୍ରସିଦ୍ଧ ମନ୍ଦିର ପ୍ରାଚୀ ସଭ୍ୟତା ର ମୁକସାକ୍ଷୀ। ଜି ଏସ ଆଇର ପୂର୍ବତନ ମହାନିର୍ଦ୍ଦେଶକ ଶ୍ରୀଯୁକ୍ତ ଶିଶିର ଚନ୍ଦ୍ର ରଥଙ୍କ ମତରେ



ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ପ୍ରସ୍ତର ଖଣ୍ଡ ପ୍ରାଚୀ ନଦୀ ଦ୍ୱାରା ସ୍ଥାନାନ୍ତରିତ କରାଯାଇ ଏହି ମନ୍ଦିର ନିର୍ମାଣ କରାଯାଇ ଥିଲା। ଏହି ପ୍ରସ୍ତରର ବୟସ ୧୬୫ନିୟୁତ ବର୍ଷ ପ୍ରାଚୀନ ଅଟେ। ଏହି ପରିଦର୍ଶନ ରେ ଶ୍ରୀଯୁକ୍ତ ଯାଦବାନନ୍ଦ ଦାସ, ଡକ୍ଟର ବିଜୟ କୁମାର ସାହୁ, ଶ୍ରୀ ବିଜୟ କେତନ ମିଶ୍ର ସହ ପ୍ରାୟତଃ ୩୦ଜଣ ବୈଜ୍ଞାନିକ ସେମାନଙ୍କ ପରିବାର ସହ ଯୋଗ ନେଇଥିଲେ ।

ସମାଜ

## ଜିଏସଆଇ ବୈଜ୍ଞାନିକଙ୍କ ମାଧବାନନ୍ଦ ଜୀଉ ମନ୍ଦିର ପରିଦର୍ଶନ

ନିଆଳି,୨୫।୨(ନି.ପ୍ର): ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ (ଜିଏସଆଇ)ର ସେବା ନିବୃତ୍ତ ବୈଜ୍ଞାନିକଙ୍କ ସଂସ୍ଥା ଓ ଓଡିଶା ଭୂବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକମାନେ ବୁଧବାର ନିଆଳି ମାଧବସ୍ଥିତ ଶ୍ରୀଜଗନ୍ନାଥଙ୍କ ମାମୁ ଘର ମାଧବାନନ୍ଦ ମନ୍ଦିର ପରିଦର୍ଶନ କରିବା ସହ ଏହାର ନିର୍ମାଣରେ ବ୍ୟବହୃତ ଶିଳାକୁ ଅଧ୍ୟୟନ କରିଥିଲେ। ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ପ୍ରସିଦ୍ଧ ମନ୍ଦିର ପ୍ରାଚୀ ସଭ୍ୟତାର ମୂକସାକ୍ଷୀ।

ଜିଏସଆଇର ପୂର୍ବତନ ମହାନିର୍ଦ୍ଦେଶକ ଶିଶିର ଚନ୍ଦ୍ର ରଥଙ୍କ ମତରେ ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ପ୍ରସ୍ତର ଖଣ୍ଡ ପ୍ରାଚୀ ନଦୀ ଦେଇ ସ୍ଥାନାନ୍ତର କରାଯାଇ ଏହି ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ପ୍ରସ୍ତରର ବୟସ ୧୬୫ ନିୟୁତ ବର୍ଷ



ପ୍ରାଚୀନ ଅଟେ। ଏହି ପରିଦର୍ଶନରେ ଯାଦବାନନ୍ଦ ଦାସ, ଡକ୍ଟର ବିଜୟ କୁମାର ସାହୁ, ବିଜୟ କେତନ ମିଶ୍ରଙ୍କ ସହିତ ୩୦ ଜଣିଆ ବୈଜ୍ଞାନିକ ଦଳ ଯୋଗ ଦେଇଥିବା ବେଳେ ସ୍ତମ୍ଭକାର ପୀତାମ୍ବର ରାଉତ, କୃଷ୍ଣଚନ୍ଦ୍ର ପୁଷ୍ଟାଳକ ଓ ଭାସ୍କର ଚନ୍ଦ୍ର ପୁଷ୍ଟାଳକ ସେମାନଙ୍କୁ ସହଯୋଗ କରିଥିଲେ।

The Samaja, CUTTACK Edition
Page No.29 February 26, 2026